আହ্লাবାଦ ବ୍ୟାଙ୍କ

ବନାମ

ଶ୍ରୀ ପ୍ରେମ ସିଂହ

ସେପ୍ଟେମ୍ବର 9,1996

[ଜେ.ଏସ୍. ବର୍ମା ଏବଂ ବି.ଏନ୍. କିରପାଲ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଶ୍ରମ ଆଇନ:*

*ଶିଳ୍ପ ବିବାଦ ଅଧିନିୟମ, 1947*

*ଚୁକ୍ତିଭିତ୍ତିକ ନିଯୁକ୍ତି—କ'ଣ ଜଣେ ଚୁକ୍ତିଭିତ୍ତିକ କର୍ମଚାରୀ, ନିଜ ଅଧିକାର ଅନୁସାରେ ନିଯୁକ୍ତି ପାଇପାରିବେ—ଶିଳ୍ପ ବିବାଦ—ନ୍ୟାୟାଧିକରଣ ଦର୍ଶାଇଥିଲେ ଯେ, ଏପରି କର୍ମଚାରୀମାନଙ୍କୁ ଚାକିରିରେ ଜାରି ରଖିବା ଉଚିତ—ଅପିଲରେ ଦର୍ଶାଯାଇଛି, ନା-କାରଣ ପକ୍ଷମାନଙ୍କ ମଧ୍ୟରେ ସମ୍ପର୍କ ଚୁକ୍ତିଭିତ୍ତିକ ଥିଲା ।*

ଅପିଲକାରୀ ବ୍ୟାଙ୍କ ଦ୍ୱାରା 13 ଜୁନ୍, 1977 ତାରିଖର ଚିଠି ମାଧ୍ୟମରେ ଉତ୍ତରଦାତାଙ୍କୁ ଗୋଟିଏ ଦିନ ପାଇଁ ଅର୍ଥାତ୍ 14 ଜୁନ୍, 1977 ପାଇଁ ନିଯୁକ୍ତ କରାଯାଇଥିଲା । ଏହା ପରେ, 15 ଜୁନ୍, 1977 ତାରିଖରେ ଦ୍ୱିତୀୟ ଚିଠି ଦ୍ୱାରା, ତାଙ୍କୁ ଗୋଟିଏ ଦିନ ପାଇଁ, ଅର୍ଥାତ୍ 15 ଜୁନ୍, 1977 ତାରିଖ ପାଇଁ ନିଯୁକ୍ତି ଦିଆଯାଇଥିଲା । ଅପିଲକାରୀ ବ୍ୟାଙ୍କ ପକ୍ଷରୁ ଉତ୍ତରଦାତାଙ୍କୁ ପୁନର୍ବାର ଦୁଇ ଦିନ ପାଇଁ ଅର୍ଥାତ୍ 16 ଏବଂ 17 ଜୁନ୍, 1977 ପାଇଁ ନିଯୁକ୍ତି ଦିଆଯାଇଥିଲା । ପ୍ରତ୍ୟେକ ଚିଠିରେ ଏକ ସମାନ ସର୍ତ୍ତ ରହିଥିଲା ଯେ, ଦିନ ଶେଷରେ ସେବାଗୁଡ଼ିକ ସ୍ୱୟଂଚାଳିତ ଭାବରେ ସମାପ୍ତ ହେବ । 17 ଜୁନ୍, 1977 ପରେ ଅପିଲକାରୀଙ୍କ ଦ୍ୱାରା ଉତ୍ତରଦାତାଙ୍କୁ ନିଯୁକ୍ତି ଦିଆଯାଇନଥିଲା ।

ଉତ୍ତରଦାତାଙ୍କ ଅନୁରୋଧ କ୍ରମେ, ଏକ ଶିଳ୍ପ ବିବାଦକୁ ଶିଳ୍ପ ନ୍ୟାୟାଧିକରଣଙ୍କୁ ପଠାଯାଇଥିଲା । ନ୍ୟାୟାଧିକରଣ ଦର୍ଶାଇଥିଲେ ଯେ, ଅପିଲକାରୀ ବ୍ୟାଙ୍କ ଦ୍ୱାରା ଉତ୍ତରଦାତାଙ୍କୁ ନିଯୁକ୍ତି ନ ଦେବା ତାଙ୍କ ସେବା ସମାପ୍ତ କରିବା ସହିତ ସମାନ ଅଟେ ଏବଂ ଘୋଷଣା କରିଥିଲେ ଯେ, ଉତ୍ତରଦାତା ନିଯୁକ୍ତି ପାଇବାକୁ ହକଦାର ଅଟନ୍ତି ଏବଂ ତାଙ୍କୁ ସମସ୍ତ ବକେୟା ଦରମା ଏବଂ ଭତ୍ତା ସହିତ 16 ଜୁନ୍, 1977 ଠାରୁ ବ୍ୟାଙ୍କର ନିରନ୍ତର ସେବା/ନିଯୁକ୍ତିରେ କାର୍ଯ୍ୟରତ ବୋଲି ବିବେଚନା କରାଯିବା ଉଚିତ ।

ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ଦର୍ଶାଇଥିଲେ: 1 ଉତ୍ତରଦାତାଙ୍କୁ ଲଗାତାର ଚିଠି ଜାରି କରିବା ସହିତ ଗୋଟିଏ ଦିନ ପାଇଁ ନିଯୁକ୍ତି ଦିଆଯାଇଥିଲା । ଚୁକ୍ତିନାମାର ସର୍ତ୍ତାବଳୀ ଥିଲା ଯେ, ଦିନ ଶେଷରେ ସେବା, ସ୍ୱୟଂଚାଳିତ ଭାବରେ ସମାପ୍ତ

**ହୋଇଯିବ । ଉଭୟ ପକ୍ଷ ମଧ୍ୟରେ ଚୁକ୍ତିଭିତ୍ତିକ ସମ୍ପର୍କ ଥିଲା । ଉତ୍ତରଦାତାଙ୍କୁ ନିଯୁକ୍ତି ଦେବା ପାଇଁ ଅପିଲକାରୀ ବ୍ୟାଙ୍କ ଉପରେ କ'ଣ ବାଧ୍ୟତା ଥିଲା, ସେ ବିଷୟରେ ନ୍ୟାୟାଧିକରଣଙ୍କ ଦ୍ୱାରା କୌଣସି କାରଣ ଦିଆଯାଇ ନଥିଲା । ସର୍ବାଧିକ ଭାବରେ ଉତ୍ତରଦାତା ଜଣେ ଦିନ ମଜୁରିଆ ଥିଲେ । ଏହି କାରଣରୁ, ନ୍ୟାୟାଧିକରଣଙ୍କର ରାୟକୁ ବଜାୟ ରଖାଯାଇପାରିବ ନାହିଁ । ଉତ୍ତରଦାତାଙ୍କୁ ଚାକିରିରେ ଜାରି ରଖିବା ପାଇଁ ଅପିଲକାରୀ ବ୍ୟାଙ୍କ ଉପରେ କୌଣସି ଆଇନଗତ ବାଧ୍ୟତା ନଥିଲା ।**

ଦେୱାନୀ ଅପିଲ ଅଧିକାରିତା :ଦେୱାନୀ ଅପିଲ ସଂଖ୍ୟା 107/1981 ।

ଆଇ.ଡି. ସଂଖ୍ୟା 77/1978 ରେ କେନ୍ଦ୍ରୀୟ ସରକାରଙ୍କ ଶିଳ୍ପ ନ୍ୟାୟାଧିକରଣଙ୍କର 25.05.80 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଆର୍.କେ. ମହେଶ୍ୱରୀ ।

ଉତ୍ତରଦାତାଙ୍କ ପାଇଁ ସୁଶ୍ରୀ କେ. ଶାରଦା ଦେବୀ ।

**କିରପାଲ୍, ନ୍ୟାୟମୂର୍ତ୍ତିଙ୍କ** ଦ୍ୱାରା  ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

. ଅପିଲକାରୀ ବ୍ୟାଙ୍କ ଦିଲ୍ଲୀର ଜିଲ୍ଲା ସୈନିକ, ନାବିକ ଏବଂ ସେନା ପରିଷଦ ମାଧ୍ୟମରେ ପୂର୍ବତନ ସୈନିକମାନଙ୍କ ମଧ୍ୟରୁ କୋଷାଧ୍ୟକ୍ଷ କିମ୍ବା ନଗଦ କିରାଣୀ ଭାବରେ ନିଯୁକ୍ତି ପାଇଁ ଆବେଦନ ପତ୍ର ଲୋଡ଼ିଥିଲା । ଏହା ପରେ 13 ଜୁନ୍, 1977ରେ ନିଯୁକ୍ତି ପତ୍ରରେ ଥିବା ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ଅପିଲକାରୀଙ୍କ ଦ୍ୱାରା ଉତ୍ତରଦାତାଙ୍କୁ ତାଙ୍କ ଲାଜପତ ନଗର ଶାଖାରେ ଅସ୍ଥାୟୀ କୋଷାଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଥିଲା । ଏହି ନିଯୁକ୍ତି କେବଳ ଗୋଟିଏ ଦିନ ପାଇଁ, ଅର୍ଥାତ୍ 14 ଜୁନ୍, 1977 ଥିଲା । ଏହା ଅପିଲକାରୀଙ୍କ ମାମଲା ଯେ, ଉତ୍ତରଦାତାଙ୍କୁ ପରବର୍ତ୍ତୀ ସମୟରେ ଆଉ ତିନି ଦିନ ପାଇଁ ବିଭିନ୍ନ ଶାଖାରେ ନିଯୁକ୍ତ କରାଯାଇଥିଲା । ଅପିଲକାରୀଙ୍କ ସହିତ ଉତ୍ତରଦାତାଙ୍କ ସେବାର ମୋଟ ଅବଧି 14 ଜୁନ୍ ରୁ 17 ଜୁନ୍, 1977 ପର୍ଯ୍ୟନ୍ତ ଥିଲା ।

ଅପିଲକାରୀ 17 ଜୁନ୍, 1977 ପରେ ଉତ୍ତରଦାତାଙ୍କୁ ଆଉ କୌଣସି ନିଯୁକ୍ତି ଦେଇ ନଥିଲେ । ତେଣୁ, ଉତ୍ତରଦାତାଙ୍କ ଅନୁରୋଧ କ୍ରମେ, ଶିଳ୍ପ ବିବାଦ ଅଧିନିୟମ, 1947 ର ଧାରା 10 ଅନୁଯାୟୀ, ଏକ ଶିଳ୍ପ ବିବାଦକୁ ନୂଆଦିଲ୍ଲୀର ଶିଳ୍ପ ନ୍ୟାୟାଧିକରଣକୁ ପଠାଯାଇଥିଲା । ସନ୍ଦର୍ଭର ଏକମାତ୍ର ସର୍ତ୍ତ ନିମ୍ନଲିଖିତ ଥିଲା:

> "ଶ୍ରୀ ପ୍ରେମ ସିଂହଙ୍କୁ 16.6.77 ତାରିଖ ଠାରୁ ନଗଦ କିରାଣୀ/କୋଷାଧ୍ୟକ୍ଷ ଭାବେ ନିଯୁକ୍ତି ଦେବାକୁ ପ୍ରତ୍ୟାଖ୍ୟାନ କରି, ଆହ୍ଲାବାଦ ବ୍ୟାଙ୍କ, ପାର୍ଲାମେଣ୍ଟ ଷ୍ଟ୍ରିଟ୍, ନୂଆଦିଲ୍ଲୀର ପରିଚାଳନାର କାର୍ଯ୍ୟାନୁଷ୍ଠାନ ଆଇନଗତ ଏବଂ ନ୍ୟାୟସଙ୍ଗତ କି? ଯଦି ନୁହେଁ, ତେବେ କର୍ମଚାରୀ କେଉଁ ପ୍ରତିକାର ପାଇବାକୁ ହକଦାର ଅଟନ୍ତି?

ନ୍ୟାୟାଧିକରଣଙ୍କ ସମ୍ମୁଖରେ ଅପିଲକାରୀଙ୍କ ମାମଲା ଥିଲା ଯେ, ଉତ୍ତରଦାତାଙ୍କ ପାଖରେ ଆବଶ୍ୟକୀୟ ଯୋଗ୍ୟତା ନାହିଁ କାରଣ ସେ ମାଟ୍ରିକ ପରୀକ୍ଷା କିମ୍ବା ଉଚ୍ଚ ବିଦ୍ୟାଳୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାହାଁନ୍ତି । ଏହା ଯୁକ୍ତି କରାଯାଇଥିଲା ଯେ, ଉତ୍ତରଦାତା ଭୁଲ ଭାବରେ ଉପସ୍ଥାପନ କରିଥିଲେ ଯେ, ସେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ନଗଦ କିରାଣୀ ଭାବରେ ନିଯୁକ୍ତି ପାଇବାକୁ ଯୋଗ୍ୟ ଅଟନ୍ତି ।

ନ୍ୟାୟାଧିକରଣ 6 ଫେବୃଆରୀ, 1979 ତାରିଖର ତାଙ୍କ ଆଦେଶ ଅନୁଯାୟୀ ନିମ୍ନଲିଖିତ ଦୁଇଟି ପ୍ରସଙ୍ଗ ପ୍ରସ୍ତୁତ କରିଥିଲେ:

1. ଶ୍ରୀ ପ୍ରେମ ସିଂହ, ଜଣେ ନଗଦ କିରାଣୀ ଭାବେ ନିଯୁକ୍ତ ହେବା ପାଇଁ ଯୋଗ୍ୟ ନୁହଁନ୍ତି କି?

2. ଯେପରି ସନ୍ଦର୍ଭିତ ଆଦେଶରେ ରହିଛି? "

1979 ମସିହା ଜୁନ୍ 20 ତାରିଖର ପରବର୍ତ୍ତୀ ଆଦେଶ ଅନୁଯାୟୀ, ଆଉ ଏକ ପ୍ରସଙ୍ଗ ପ୍ରସ୍ତୁତ କରାଯାଇଥିଲା ଯାହା ନିମ୍ନରେ ଦିଆଗଲା :

1. ଉଲ୍ଲେଖିତ ପ୍ରସଙ୍ଗଟି ଏକ ଶିଳ୍ପ ବିବାଦ ନୁହେଁ କି? "

ନ୍ୟାୟାଧିକରଣ 1980 ମସିହା ମଇ ମାସ 29 ତାରିଖର ନିଜର ଅଧିନିର୍ଣ୍ଣୟରେ ଦେଖିବାକୁ ପାଇଥିଲେ ଯେ, ଉତ୍ତରଦାତା 1954 ମସିହା ଅପ୍ରେଲ ମାସରେ ଅନୁଷ୍ଠିତ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଉପସ୍ଥିତ ହୋଇଥିଲେ ମଧ୍ୟ ସେଥିରେ ବିଫଳ ହୋଇଥିଲେ । ଏହି ପରୀକ୍ଷା ଏକାଦଶ ଶ୍ରେଣୀର ଥିଲା । ନ୍ୟାୟାଧିକରଣ ଆହୁରି ମଧ୍ୟ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଅଧୀନରେ ନିଯୁକ୍ତି ଉଦ୍ଦେଶ୍ୟରେ ଭାରତର ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଦଶମ ଶ୍ରେଣୀ ପ୍ରମାଣପତ୍ରକୁ ମାଟ୍ରିକ୍ ପ୍ରମାଣପତ୍ର ସହିତ ସମକକ୍ଷ ଭାବରେ ସ୍ୱୀକୃତି ଦିଆଯାଇଛି । ତେଣୁ, ଏହା ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ଉତ୍ତରଦାତାଙ୍କୁ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାର ବିବେଚନା କରାଯିବା ଆବଶ୍ୟକ । ଯୋଗ୍ୟତା ଅନୁସାରେ ନ୍ୟାୟାଧିକରଣ ଏହି ନିଷ୍କର୍ଷରେ ପହଞ୍ଚିଲେ ଯେ, ଜଣେ କର୍ମଚାରୀଙ୍କୁ ଆଇନଗତ ଭାବରେ ନିଯୁକ୍ତି ଦିଆଯିବା ପରେ, କେବଳ ଆଇନ ଅନୁଯାୟୀ ତାଙ୍କର ସେବା ସମାପ୍ତ କରାଯାଇପାରିବ ଏବଂ ପରିଚାଳନା ଦ୍ୱାରା ତାଙ୍କୁ

ନଗଦ କିରାଣୀ ଭାବରେ ନିଯୁକ୍ତି ନଦେବା ତାଙ୍କ ସେବା ସମାପ୍ତ କରିବା ସହିତ ସମାନ ହେବ । ଏହା ପରେ ନ୍ୟାୟାଧିକରଣ ଘୋଷଣା କଲେ ଯେ, ଉତ୍ତରଦାତା ନିଯୁକ୍ତି ପାଇବାକୁ ହକଦାର ଏବଂ ତାଙ୍କୁ 16 ଜୁନ୍ 1977 ଠାରୁ ବ୍ୟାଙ୍କରେ ନିରନ୍ତର ସେବା/ନିଯୁକ୍ତିରେ କାର୍ଯ୍ୟରତ ବୋଲି ବୋଲି ବିବେଚନା କରାଯିବା ଆବଶ୍ୟକ । ଏହା ଆହୁରି ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ଯେ, ଉତ୍ତରଦାତାଙ୍କୁ ତାଙ୍କର ସ୍ୱାଭାବିକ ବକେୟା ଏବଂ ଭତ୍ତା ସହିତ ମଜୁରୀ ବକେୟା ଜୁନ୍ 16,1977 ଠାରୁ ଅଧିନିର୍ଣ୍ଣୟ ତାରିଖ ପର୍ଯ୍ୟନ୍ତ ପ୍ରଦାନ କରାଯିବା ଉଚିତ ।

ଏହି ଅପିଲରେ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଉପରୋକ୍ତ ଅଧିନିର୍ଣ୍ଣୟକୁ ଆପତ୍ତି କରାଯାଇଛି । ବିଚାର ପାଇଁ କେବଳ ଏକମାତ୍ର ପ୍ରଶ୍ନ ଉଠିଛି ଯେ, ନ୍ୟାୟାଧିକରଣଙ୍କ ତରଫରୁ କୌଣସି ପ୍ରକାର ପ୍ରତିକାର ପାଇବା ପାଇଁ ଉତ୍ତରଦାତାଙ୍କର କୌଣସି ଅଧିକାର ଥିଲା କି ନାହିଁ ।

ପୂର୍ବରୁ ଦେଖାଯାଇଥିବା ପରି, ଅପିଲକାରୀଙ୍କ ଦ୍ୱାରା ଉତ୍ତରଦାତାଙ୍କୁ କେବଳ ଚାରି ଦିନ ପାଇଁ ନିଯୁକ୍ତ କରାଯାଇଥିଲା । 13 ଜୁନ୍, 1977 ତାରିଖର ଚିଠି ଆଧାରରେ, ତାଙ୍କୁ 14 ଜୁନ୍, 1977 ତାରିଖରେ ଲାଜପତ ନଗର ଶାଖାରେ ଅସ୍ଥାୟୀ ଭାବେ ନିଯୁକ୍ତ କରାଯାଇଥିଲା । ଏହା ପରେ 1977 ମସିହା ଜୁନ୍ 15 ତାରିଖର ଦୁଇଟି ଚିଠି ମାଧ୍ୟମରେ ତାଙ୍କୁ ଅପିଲକାରୀଙ୍କ କରୋଲ ବାଗ ଶାଖାରେ ଗୋଟିଏ ଦିନ ପାଇଁ ଅର୍ଥାତ୍ ଜୁନ୍ 15,1977 ଏବଂ ଅପିଲକାରୀଙ୍କ ଚାନ୍ଦନୀ ଚୌକ ଶାଖାରେ ଦୁଇ ଦିନ ପାଇଁ ଅର୍ଥାତ୍ ଜୁନ୍ 16 ଏବଂ 17,1977 ତାରିଖ ପାଇଁ ସେବା କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଏହା ବିବାଦୀୟ ନୁହେଁ ଯେ, ଉକ୍ତ ଚିଠିଗୁଡ଼ିକରେ ଥିବା ନିଯୁକ୍ତିର ସର୍ତ୍ତାବଳୀ ପ୍ରାୟତଃ ସମାନ ଥିଲା । ଉକ୍ତ ଚିଠିଗୁଡ଼ିକରେ ଥିବା ପ୍ରଥମ ଶର୍ତ୍ତଟି ନିମ୍ନଲିଖିତ ଥିଲା:

> "1. ଆପଣଙ୍କର ନିଯୁକ୍ତି ସମ୍ପୂର୍ଣ୍ଣ ଅସ୍ଥାୟୀ ଭାବରେ ଗୋଟିଏ ଦିନ ପାଇଁ, ଅର୍ଥାତ୍ 14.6.77 ତାରିଖ ପାଇଁ ଅଟେ, ଯାହା ପରେ ଆପଣଙ୍କର ସେବା, ବିନା କୌଣସି ବିଜ୍ଞପ୍ତିରେ ସ୍ୱୟଂଚାଳିତ ଭାବରେ ସମାପ୍ତ ହୋଇଯିବ । ତଥାପି, ଉପରୋକ୍ତ ଅବଧି ମଧ୍ୟରେ ଆପଣଙ୍କ ସେବାଗୁଡ଼ିକୁ ବିନା ବିଜ୍ଞପ୍ତିରେ ଯେକୌଣସି ସମୟରେ ସମାପ୍ତ କରାଯାଇପାରିବ ।".

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଅପିଲକାରୀଙ୍କ ଦ୍ୱାରା ଉତ୍ତରଦାତାଙ୍କୁ ନିଯୁକ୍ତି ନ ଦେବାର କାରଣ ଥିଲା ଯେ, ତାଙ୍କର ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା ନଥିଲା । ଯଦିଓ ଏହା ଅବଧାରଣା କରାଯାଏ ଯେ, ଏହି କାରଣଟି ଭୁଲ ଥିଲା, ତଥାପି ପ୍ରଶ୍ନ ଉଠିବ ଯେ, ବ୍ୟାଙ୍କ ଉତ୍ତରଦାତାଙ୍କୁ ନିଯୁକ୍ତି ଦେବା ପାଇଁ କୌଣସି ଦାୟିତ୍ୱରେ ଥିଲା କି?

ଏହା ଏପରି ଏକ ମାମଲା ନୁହେଁ ଯେଉଁଠାରେ କୌଣସି ଆଦେଶ ପାରିତ କରି ଜଣେ କର୍ମଚାରୀଙ୍କ କାର୍ଯ୍ୟରତ ସେବାକୁ ସମାପ୍ତ କରାଯାଇଥିଲା । ଉତ୍ତରଦାତାଙ୍କୁ ଲଗାତର ଚିଠି ଜାରି କରିବା ସହିତ ଗୋଟିଏ ଦିନ ପାଇଁ ନିଯୁକ୍ତି ଦିଆଯାଇଥିଲା । ପକ୍ଷମାନଙ୍କ ମଧ୍ୟରେ ସମ୍ପର୍କ ଚୁକ୍ତିଭିତ୍ତିକ ହୋଇଥିବାରୁ, ଚୁକ୍ତିର ଅବଧି ଥିଲା ଯେ, ସେବାଗୁଡ଼ିକ ଦିନର ଶେଷରେ ସମାପ୍ତ ହୋଇଯାଉଥିଲା । ଉତ୍ତରଦାତାଙ୍କୁ ନିଯୁକ୍ତି ଦେବା ପାଇଁ ଅପିଲକାରୀଙ୍କ ଉପରେ କ'ଣ ବାଧ୍ୟତା ଥିଲା, ସେ ବିଷୟରେ ନ୍ୟାୟାଧିକରଣ କୌଣସି କାରଣ ଦର୍ଶାଇ ନାହାଁନ୍ତି । ଉତ୍ତରଦାତାଙ୍କ ସ୍ଥିତି, ପ୍ରାୟତଃ, ଜଣେ ଦିନ ମଜୁରିଆଙ୍କ ଭଳି ଥିଲା । ତାଙ୍କର ନିଯୁକ୍ତି ପତ୍ର କାରଣରୁ ପ୍ରତ୍ୟେକ ଦିନ ଶେଷରେ ତାଙ୍କର ସେବାଗୁଡ଼ିକ ସମାପ୍ତ ହୋଇଯାଉଥିଲା । ତାଙ୍କ ଦିନର ସେବା, ସ୍ୱୟଂଚାଳିତ ଭାବରେ ସମାପ୍ତ ହୋଇଯାଇଥିଲା । ଏହି ପରିପ୍ରେକ୍ଷୀରେ ନ୍ୟାୟାଧିକରଣଙ୍କ ନିଷ୍ପତ୍ତି ଯେ, ଉତ୍ତରଦାତାଙ୍କୁ 16 ଜୁନ୍, 1977 ଠାରୁ ସେବାରେ ନିରନ୍ତର ଭାବେ କାର୍ଯ୍ୟରତ ବୋଲି ବିବେଚନା କରାଯିବ ଏବଂ ସେ ସ୍ୱାଭାବିକ ବେତନ ଏବଂ ଭତ୍ତା ପାଇବାକୁ ହକଦାର ହେବେ, ତାହା ସ୍ପଷ୍ଟ ଭାବରେ ଗ୍ରହଣୀୟ ନୁହେଁ । ଉତ୍ତରଦାତା ତାଙ୍କୁ ଚାକିରିରେ ଜାରି ରଖିବାକୁ ଜୋର ଦେଇ ପାରିନଥିଲେ ଏବଂ ତାଙ୍କୁ ନିଯୁକ୍ତି ଦେବା ପାଇଁ ଅପିଲକାରୀଙ୍କ ଉପରେ କୌଣସି ଆଇନଗତ ବାଧ୍ୟତା ନଥିଲା ।

ଉପରୋକ୍ତ କାରଣଗୁଡ଼ିକ ପାଇଁ 29 ମଇ,1980 ତାରିଖରେ ନ୍ୟାୟାଧିକରଣଙ୍କ ଅଧିନିର୍ଣ୍ଣୟକୁ ରଦ୍ଦ କରାଯାଉଛି, କାରଣ ଉତ୍ତରଦାତା ନିଯୁକ୍ତି ଦାବି କରିବାର କିମ୍ବା ଅନ୍ୟ କୌଣସି ପ୍ରତିକାର ପାଇବା ପାଇଁ ହକଦାର ନୁହଁନ୍ତି । ତଦନୁସାରେ ଅପିଲକୁ ଅନୁମତି କରାଯାଉଛି । ତଥାପି, ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଏଚ୍. କେ. ଅପିଲକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା**

**ସଙ୍ଗୀତା ସେନାପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**